# ନିଜ ଭିତରେ ଅନୁସନ୍ଧାନ ଭାବନା ବଜାୟ ରଖ: ରାଷ୍ଟ୍ରପତି

ଭୁବନେଶ୍ୱର,୯।୭
(ଅସମାପିକା ସାହୁ)

ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି କହିଥିଲେ, ନାଇଜରର ଯାତ୍ରା ଅଳ୍ପ କିଛି ବର୍ଷ ତଳୁ ଆରମ୍ଭ ହୋଇଛି। କିନ୍ତୁ କମ୍ ସମୟ ମଧ୍ୟରେ ଏହା ଶିକ୍ଷା ଜଗତରେ ନିଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସୃଷ୍ଟି କରିଛି। ବିଜ୍ଞାନର ଯଥାର୍ଥତା ଓ ପରମ୍ପରାର ମୂଲ୍ୟବୋଧକୁ ସମନ୍ୱିତ କରି ଏହି ଅନୁଷ୍ଠାନ ଆଗକୁ ବଢୁଥିବାରୁ ସେ ଖୁସି ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ, ଅର୍ଥପୂର୍ଣ୍ଣ ଶିକ୍ଷା ଏବଂ ଜ୍ଞାନ ହିଁ ମାନବିକତାର ଉନ୍ନତି ଓ ପ୍ରଗତି ପାଇଁ ବ୍ୟବହୃତ ହୁଏ। ସେମାନେ ଯେଉଁଠି କାମ କରିବେ, ନିଜ କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ନିଜ କର୍ମକ୍ଷେତ୍ରରେ ସଫଳତା ସାଙ୍ଗକୁ ସେମାନେ ନିଜର ସାମାଜିକ କର୍ତ୍ତବ୍ୟକୁ ମଧ୍ୟ ସମ୍ପୂର୍ଣ୍ଣ ଉତ୍ତରଦାୟିତ୍ୱ ସହ ନିର୍ବାହ କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ। ସର୍ବଦା ନିଜ ଭିତରେ ନମ୍ରତା ଓ ଅନୁସନ୍ଧାନ ଭାବନା ବଜାୟ ରଖିବାକୁ ରାଷ୍ଟ୍ରପତି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେମାନେ ନିଜ ଜ୍ଞାନକୁ ଏକ ସାମାଜିକ ଉଦ୍ୟୋଗ ଭାବେ ବିଚାର କରି ସମାଜ ଓ ଦେଶର ବିକାଶ ପାଇଁ ବ୍ୟବହାର କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ। ରାଷ୍ଟ୍ରପତି କହିଥିଲେ, ବିଜ୍ଞାନର ବରଦାନ ସାଙ୍ଗକୁ ଏହାର ଅଭିଶାପର ବିପଦ ସବୁବେଳେ ରହିଥାଏ। ଆଜି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି। ନୂତନ ବୈଷୟିକ ବିକାଶ ମାନବ ସମାଜକୁ ସାମର୍ଥ୍ୟ ପ୍ରଦାନ କରୁଛି, କିନ୍ତୁ ଏଥିସହ ଏହା ମାନବିକତା ପାଇଁ ନୂତନ ଆହ୍ୱାନ ମଧ୍ୟ ସୃଷ୍ଟି କରୁଛି। ସିଆରଆଇଏସ୍‌ପିଆର୍-ସିଏଏସ୍-୯ ଭଳି ଜିନ ଏଡିଟିଂକୁ ବହୁତ ସହଜ କରିଛି। ଅନେକ ଦୁରାରୋଗ୍ୟ ରୋଗର ସମାଧାନ ଦିଗରେ ଏହି ଟେକ୍ନୋଲୋଜି ଏକ ବଡ଼ ପଦକ୍ଷେପ। ତେବେ ଏହି ଜ୍ଞାନକୌଶଳର ବ୍ୟବହାର ଯୋଗୁ ନୈତିକ ଓ ସାମାଜିକ ସମସ୍ୟା ଉପୁଜୁଥିବା ବେଳେ ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଉନ୍ନତି ଯୋଗୁ ଅବିକଳ ନକଲ ବା ଡିପ୍ ଫେକ୍ ସମସ୍ୟା ଏବଂ ଅନେକ ନିୟାମକ ଆହ୍ୱାନ ସାମ୍ନାକୁ ଆସୁଛି। ରାଷ୍ଟ୍ରପତି କହିଥିଲେ, ମୌଳିକ ବିଜ୍ଞାନ କ୍ଷେତ୍ରରେ ପରୀକ୍ଷଣ ଏବଂ ଗବେଷଣା ଫଳାଫଳ ପାଇବା ପାଇଁ ଅନେକ କ୍ଷେତ୍ରରେ ବହୁତ ସମୟ ଲାଗିଥାଏ। ଦୀର୍ଘ ବର୍ଷ ଧରି ନିରାଶର ସମ୍ମୁଖୀନ ହେବା ପରେ ଅନେକ ଥର ସଫଳତା ମିଳିଛି। ସେ ଛାତ୍ରୀଛାତ୍ରଙ୍କୁ କହିଥିଲେ, ସେମାନେ ଏପରି ଏକ ପର୍ଯ୍ୟାୟ ଦେଇ ଗତି କରିପାରନ୍ତି, ଯେତେବେଳେ ସେମାନଙ୍କ ଧୈର୍ଯ୍ୟର ପରୀକ୍ଷା ଦେବାକୁ ହେବ। କିନ୍ତୁ ସେମାନେ କେବେ ବି ନିରୁତ୍ସାହିତ ହେବା ଉଚିତ ନୁହେଁ। ମୌଳିକ ଗବେଷଣାର ଉନ୍ନତି ଅନ୍ୟ କ୍ଷେତ୍ରରେ ମଧ୍ୟ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହୁଏ ବୋଲି ସର୍ବଦା ମନେରଖିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। ସମାରୋହରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନାଇଜର ନିର୍ଦ୍ଦେଶକ ହୀରେନ୍ଦ୍ର ନାଥ ଘୋଷ ପ୍ରମୁଖ ମଞ୍ଚାସୀନ ଥିଲେ।




ନାଇଜରର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ କୃତୀ ଛାତ୍ରୀଙ୍କୁ ଉପାଧି ପ୍ରଦାନ କରୁଛନ୍ତି।

ଧରିତ୍ରୀ
DHARITRI

SCAN ME

ARTICLE PUBLISHED IN:
DHARITRI, BHUBANESWAR EDITION, 10.07.2024, PAGE NO. 5